# କ୍ଲାନ୍ତ

କ୍ଲାନ୍ତ ।।
ବାଟ ନ ଚାଲି
ଥକା ଖାଇଲାର
ପ୍ରେମ ନ କରି
ପ୍ରେମିକ ସାଜିଲାର
ଶବ୍ଦ ନ ଯୋଖି
କବିତା ଲେଖିଲାର
ଏମିତି ଅନେକ ।।୧

ପଢ଼ି ନ ଥିବା ଚିଠି
ମୂଲ୍ୟବାନ ଅଳଙ୍କାର
ସମୁଦ୍ର ପାରି
ବିଦେଶ ଦେଶ
ଦୂର ପାହାଡ
ବିତି ଯାଇଥିବା ଅତୀତ
ଚମତ୍କାର, ସୁନ୍ଦର ।।୨

ଏଇନେ
ସିଂଘାଣିନାକି
କନିଆଁକୁ ମନ
ଢେଲ ଫିଙ୍ଗୁଥିବା
ଚୋରକୁ ପ୍ରୀତି
ବଢ଼ିଯାଉଥିବା
ବୟସକୁ ନିନ୍ଦା ।।୩

ଏପରି ପାରୁଆ
ପଣକୁ ନେଇ
ଦେଖି ନ ଦେଖିଲା ଭଳି
ସ୍ୱାର୍ଥବାଦୀ ସ୍ୱପ୍ନପାଇଁ

ସାମ୍ନାଘର ଝିଅର
ଅକୁହା ପ୍ରେମପରି
ଜାବୁଡି ଧରିଛି
ଦେହ - 'କ୍ଲାନ୍ତ' ।।୪

ଦିଗମ୍ବର ପାତ୍ର